# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 14 January – 2026

*******************************

## ମୁଖ୍ୟ ସମ୍ବାଦ

- କୃଷକଙ୍କ କଠିନ ପରିଶ୍ରମକୁ ସ୍ୱୀକୃତି ସ୍ୱରୂପ ଆଜି ପାଳନ କରାଯାଉଛି ପବିତ୍ର ମକର ସଂକ୍ରାନ୍ତି

— ଏହି ଅବସରରେ ବୈତରଣୀ ନଦୀରେ ମକର ବୁଡ଼ ପକାଇଲେ ମୁଖ୍ୟମନ୍ତ୍ରୀ

- ପୂର୍ବତନ ସେନା କର୍ମଚାରୀଙ୍କ ସାହସ ଓ ବୀରତ୍ୱକୁ ସମ୍ମାନ ଜଣାଇ ଆଜି ପାଳନ କରାଯାଉଛି ଭେଟେରାନ୍ ସୈନିକ ଦିବସ

- ପୁରୀ ଶ୍ରୀମନ୍ଦିରରେ ଆଜି ଅନୁଷ୍ଠିତ ହେଉଛି ଶ୍ରୀଜୀଉଙ୍କର ମକର ଚଉରାଶୀ ବେଶ

ଏବଂ

- ରାଜ୍ୟରେ ଆସନ୍ତା ଶନିବାର ପର୍ଯ୍ୟନ୍ତ ଜାରି ରହିବ ଶୀତଳହରୀ; ୬ଟି ଜିଲ୍ଲାକୁ ସତର୍କ ସୂଚନା

# ମକର ସଂକ୍ରାନ୍ତି

ଫସଲ ଅମଳର ପର୍ବ ମକର ସଂକ୍ରାନ୍ତି ଆଜି ଦେଶବ୍ୟାପୀ ପାଳନ କରାଯାଉଛି । ଶୀତ ଋତୁର ଶେଷ ଏବଂ ଦିନ ବଡ଼ ହେବାର ଆରମ୍ଭକୁ ଏହି ଦିବସ ସୂଚୀତ କରିଥାଏ । ଆଜିଠାରୁ ସୂର୍ଯ୍ୟଙ୍କର ଉତ୍ତରାୟଣ ଗତି ଆରମ୍ଭ ହେଉଛି । ଦେଶର ବିଭିନ୍ନ ପ୍ରାନ୍ତରେ ଏହାକୁ ଭିନ୍ନ ଭିନ୍ନ ଭାବେ ପାଳନ କରାଯାଇଥାଏ । ଏହି ଅବସରରେ ରାଜ୍ୟର ବିଭିନ୍ନ ଶୈବପୀଠ ତଥା ଅନ୍ୟ ମନ୍ଦିରଗୁଡିକରେ ପୂଜାର୍ଚ୍ଚନା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ ପରିଲକ୍ଷିତ ହୋଇଛି । ବିଭିନ୍ନ ମହୋଦଧି ଓ ନଦୀରେ ଶ୍ରଦ୍ଧାଳୁମାନେ ବୁଡ ପକାଉଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, କୃଷକମାନେ ଦେଶ ଗଠନ ଦିଗରେ ଦୃଢ଼ ସହଯୋଗୀ ଏବଂ ସେମାନଙ୍କର ପ୍ରଚେଷ୍ଟା ଆତ୍ମନିର୍ଭର ଭାରତ ଅଭିଯାନକୁ ସୁଦୃଢ଼ କରୁଛି । କେନ୍ଦ୍ର ସରକାର କୃଷକମାନଙ୍କୁ ସଶକ୍ତ କରିବା ଦିଗରେ ପ୍ରତିବଦ୍ଧ ଅଛନ୍ତି ।

କୃଷକଙ୍କ କଠିନ ପରିଶ୍ରମକୁ ସ୍ୱୀକୃତି ସ୍ୱରୂପ ପାଳିତ ହେଉଥିବା ଏହି ପର୍ବ ଭୂମି ଏବଂ ସୂର୍ଯ୍ୟଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରିଥାଏ । ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇ ପ୍ରଧାନମନ୍ତ୍ରୀ କହିଛନ୍ତି.....

**V/O (PM)**

ମକରସଂକ୍ରାନ୍ତିର ଶୁଭ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଜୀ କେନ୍ଦୁଝରର ବୈତରଣୀ ନଦୀ, ଶୈବ୍ୟା କାବେରୀ ଘାଟରେ ବୁଡ଼ ପକାଇ ପୂଜାର୍ଚ୍ଚନା କରିଛନ୍ତି। ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇ ଶ୍ରୀ ମାଝୀ କହିଛନ୍ତି, ଓଡ଼ିଶାର ଏହି ମହାନ୍ ପରମ୍ପରା ଆମ ସାମାଜିକ ଏକତା ଓ ସଂହତିକୁ ଆହୁରି ସୁଦୃଢ଼ କରୁଛି।

# ମକର ସଂକ୍ରାନ୍ତି-ଜିଲ୍ଲା

ରାଜ୍ୟର ବିଭିନ୍ନ ଶୈବପୀଠଗୁଡ଼ିକରେ ମକର ସଂକ୍ରାନ୍ତି ଲାଗି କେତେକ ବିଶେଷ ନୀତିକାନ୍ତି ଅନୁଷ୍ଠିତ ହେଉଛି। ସାକ୍ଷୀଗୋପାଳସ୍ଥିତ ଶ୍ରୀଗୋପାଳ ଜୀଉଙ୍କ ମନ୍ଦିର, ବ୍ରହ୍ମଗିରିସ୍ଥିତ ଶ୍ରୀଅଲାରନାଥ ଦେବଙ୍କ ପୀଠ, ଭଦ୍ରକର ଆରଡ଼ିର ବାବା ଆଖଣ୍ଡଳମଣି ପୀଠ, ବଡ଼ମ୍ବାର ସିଂହନାଥ ପୀଠ, ପଶ୍ଚିମ ଓଡ଼ିଶାର ନୃସିଂହନାଥ, ହରିଶଙ୍କର, ମା'ସମଲେଶ୍ୱରୀ ଏବଂ ପାଟଣେଶ୍ୱରୀ ପୀଠରେ ମକର ସଂକ୍ରାନ୍ତୀ ଲାଗି ସ୍ୱତନ୍ତ୍ର ପୂଜାର୍ଚ୍ଚନା ହେଉଛି।

**ନୟାଗଡ଼** ଜିଲ୍ଲା ଓଡ଼ଗାଁର ଶ୍ରୀରଘୁନାଥଜୀଉଙ୍କ ମନ୍ଦିରରେ ଠାକୁରଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ ପରିଲକ୍ଷିତ ହୋଇଛି।

**ସୁବର୍ଣ୍ଣପୁର** ଜିଲ୍ଲାର ପାତାଳି ଶ୍ରୀକ୍ଷେତ୍ରଠାରେ ଶ୍ରୀଜଗନ୍ନାଥ ମକର ଚଉରାଶୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି। ଜିଲ୍ଲାର ସିଦ୍ଧପୀଠ

ସୈନ୍ୟଗିରି ସମେତ ବୀରମହାରାଜପୁର ଉପଖଣ୍ଡର ବିଭିନ୍ନ ଅଞ୍ଚଳରେ ମକରମେଳା ଅନୁଷ୍ଠିତ ହେଉଛି ।

**ଦେବଗଡ଼** ଜିଲ୍ଲାର ବିଭିନ୍ନ ଦେବାଳୟରେ ମକର ସଂକ୍ରାନ୍ତି ପାଇଁ ଶ୍ରଦ୍ଧାଳୁମାନେ ପ୍ରସିଦ୍ଧ ମକରଧ୍ୱଜ ପାହାଡକୁ ଚଢ଼ି ମାନସିକ ପୂରଣ କରୁଛନ୍ତି ।

# ପ୍ରେଜ୍-ଭେଟେରାନ୍ସ ଡେ

ଦଶମ ସଶସ୍ତ୍ର ବାହିନୀ ସମ୍ମାନସ୍ୱଦ ସୈନିକ ଦିବସ ଆଜି ଦେଶବ୍ୟାପୀ ପାଳନ କରାଯାଉଛି । ଏହି ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସେମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ସାମାଜିକ ଗଣମାଧ୍ୟମରେ ରାଷ୍ଟ୍ରପତି କହିଛନ୍ତି, ପୂର୍ବତନ ସେନା କର୍ମଚାରୀଙ୍କ ଅସୀମ ସାହସ ପ୍ରତ୍ୟେକ ଭାରତୀୟଙ୍କୁ ପ୍ରେରଣା ଦେଉଥିବ । ରାଷ୍ଟ୍ରପତି କହିଛନ୍ତି, ଭେଟେରାନ୍ସ ଡେ' ଓ ସଶସ୍ତ୍ର ବାହିନୀ ଫ୍ଲାଗ୍ ଡେ' କେବଳ  ସାହସୀ ସୈନିକମାନଙ୍କୁ ଶ୍ରଦ୍ଧାଞ୍ଜଳି ନୁହେଁ, ସେମାନଙ୍କ ପ୍ରତି ସହଯୋଗ ମଧ୍ୟ ପ୍ରଦାନ କରିଆସୁଛି ।

ନୂଆଦିଲ୍ଲୀଠାରେ ଆଜି ଅନୁଷ୍ଠିତ କାର୍ଯ୍ୟକ୍ରମକୁ ସମ୍ବୋଧନ କରି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି, ସଶସ୍ତ୍ର ବାହିନୀର ଭେଟେରାନ୍‌ମାନେ ଜାତୀୟ ଚେତନା, ସାମୂହିକ ସାହସ ଓ ଭବିଷ୍ୟତ ପିଢ଼ିପାଇଁ ପ୍ରେରଣାର ଉତ୍ସ ହୋଇ ଜୀବନ୍ତ ସ୍ତମ୍ଭ ଭାବେ ଉଭା ହୋଇଛନ୍ତି । ଦେଶ ଗଠନ ଦିଗରେ ସେମାନଙ୍କର ଅବଦାନ ଏବଂ ସମାଜକୁ ମାର୍ଗଦର୍ଶନ ଦେବାରେ ପ୍ରମୁଖ ଭୂମିକା ନିର୍ବାହ କରି ଆସିଛନ୍ତି । ଶ୍ରୀ ସିଂ କହିଛନ୍ତି, ୟୁନିଫର୍ମର ରଂଗ,

ଭେଟେରାନମାନଙ୍କର କାର୍ଯ୍ୟସ୍ଥଳୀରେ ପରିବର୍ତ୍ତନ ହୋଇପାରେ, କିନ୍ତୁ ଦେଶପ୍ରେମ ଓ ସେବାର ଭାବନା ପୂର୍ବଭଳି ବଳବତ୍ତର ରହିଛି ।

ଉଲ୍ଲେଖଯୋଗ୍ୟ ଯେ, ଭାରତୀୟ ସେନାର ପ୍ରଥମ କମାଣ୍ଡର ଇନ୍ ଚିପ୍ ଫିଲ୍ଡ ମାର୍ଶାଲ୍ କେ.ଏମ୍. କରିୟପ୍ପାଙ୍କ ସମ୍ମାନାର୍ଥେ ପ୍ରତିବର୍ଷ ଜାନୁଆରୀ ମାସ ୧୪ ତାରିଖରେ ଏହି ଦିବସ ପାଳନ କରାଯାଇଥାଏ । ୧୯୫୩ ମସିହାରେ ଶ୍ରୀ କରିୟପ୍ପା ଅବସର ଗ୍ରହଣ କରିଥିଲେ । ଭାରତର ସାମରିକ ଇତିହାସରେ ଫିଲ୍ଡ ମାର୍ଶାଲ କରିୟପ୍ପା ଜଣେ ଦକ୍ଷ ବ୍ୟକ୍ତିତ୍ୱ ତଥା ସେବା, ଶୃଙ୍ଖଳା ଓ ଦେଶ ପ୍ରେମର ପ୍ରତୀକ ଭାବେ ମାନ୍ୟତା ହାସଲ କରିଥିଲେ । ଏହି ଦିବସ ପାଳନ ଅବସରରେ ସବୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୩୪ଟି ରାଜ୍ୟ ସୈନିକ ବୋର୍ଡ୍ ଏବଂ ୪୩୪ଟି ଜିଲ୍ଲା ସୈନିକ ବୋର୍ଡ୍‌ରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି ।

## ଖାଲି ପଦବୀ

ରାଜ୍ୟର ଗୃହ ବିଭାଗ ଅଧୀନରେ ଖାଲି ପଡିଥିବା ସରକାରୀ ପଦବୀଗୁଡ଼ିକର ତଥ୍ୟ ଦେବାକୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । ପୁଲିସ୍ ଡିଜି, ଅଗ୍ନିଶମ ଡିଜି, ଜେଲ ଡିଜିଙ୍କ ସହ ହାଇକୋର୍ଟ ରେଜିଷ୍ଟ୍ରର ଓ ଜୁଡିସିଆଲ ଏକାଡେମୀକୁ ତୁରନ୍ତ ତଥ୍ୟ ଦେବା ପାଇଁ ବିଭାଗ ପକ୍ଷରୁ ଚିଠି କରାଯାଇଛି । ଆସନ୍ତାକାଲି ସୁଦ୍ଧା ହେବାକୁ ଥିବା ସଚିବସ୍ତରୀୟ ବୈଠକ ପୂର୍ବରୁ ରିପୋର୍ଟ ଦାଖଲ ପାଇଁ କୁହାଯାଇଛି ।

# ଶ୍ରୀଜୀଉଙ୍କ ସ୍ୱତନ୍ତ୍ର ନୀତିକାନ୍ତି

ପୁରୀ ଶ୍ରୀମନ୍ଦିରରେ ଆଜି ମକର ସଂକ୍ରାନ୍ତି ଅବସରରେ ଶ୍ରୀଜୀଉଙ୍କର ମକର ଚେଉରାଶୀ ବେଶ ଅନୁଷ୍ଠିତ ହେବ। ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ନୀତିନିର୍ଘଣ୍ଟ କରାଯାଇଛି । ବର୍ତ୍ତମାନ ମହାପ୍ରଭୁଙ୍କ ସକାଳ ଧୂପ ନୀତି ଶେଷ ହୋଇଛି। ଏହାପରେ ଶ୍ରୀଜୀଉମାନଙ୍କର ତ୍ରିମୁଣ୍ଡିରେ ମକରଚୂଳ ଲାଗି ହେବ। ପରେ କର୍ପୂର ଲାଗି ହୋଇ ବେଶ ବଢ଼ିବ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି। ମଇଲମ, ମହାସ୍ନାନ, ସର୍ବାଙ୍ଗ ଲାଗି ଆଦି ନୀତି ପରେ ମାଳଚୂଳ ଲାଗି ହୋଇ ମହାପ୍ରଭୁ ମକର-ଚଉରାଶୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେବେ । ଗତକାଲି କୁମ୍ଭାରପଡା ସ୍ଥିତ ଆଲମଚଣ୍ଡୀ ମନ୍ଦିରରୁ ଶ୍ରୀମନ୍ଦିରକୁ ଆସିଥିବା ସ୍ୱତନ୍ତ୍ର ୫ଟି ମକରତାଡରେ ମକରଚାଉଳ ଭୋଗ ହେବା ସହ ଏହା ବେଢା ପରିକ୍ରମା କରି ମହାପ୍ରଭୁଙ୍କ ନିକଟରେ ସମର୍ପଣ ହେବ।

## ବ୍ୟାସକବି-ଜୟନ୍ତୀ

ଭାଷା ସୁରକ୍ଷା ଆନ୍ଦୋଳନର କର୍ଣ୍ଣଧାର ତଥା ସାଂସ୍କୃତିକ ଜାଗରଣର ଅଗ୍ରଦୂତ ବ୍ୟାସକବି ଫକୀରମୋହନ ସେନାପତିଙ୍କ ଜୟନ୍ତୀ ଆଜି ରାଜ୍ୟବ୍ୟାପୀ ପାଳନ କରାଯାଉଛି ।

ଆଧୁନିକ ଓଡ଼ିଆ ସାହିତ୍ୟର କିମ୍ବଦନ୍ତୀ ପୁରୁଷ ବ୍ୟାସକବି ଫକୀର ମୋହନ ସେନାପତିଙ୍କ ଓଡ଼ିଆ ଭାଷା ଓ ଅସ୍ମିତାର ସୁରକ୍ଷା ପାଇଁ ସଂଗ୍ରାମ ଓ କାଳଜୟୀ ସାହିତ୍ୟ ସର୍ବଦା ଓଡ଼ିଆ ଜାତି ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ ବୋଲି **ମୁଖ୍ୟମନ୍ତ୍ରୀ** ମୋହନ ଚରଣ ମାଝୀ କହିଛନ୍ତି।

କେନ୍ଦ୍ରମନ୍ତ୍ରୀ **ଧର୍ମେନ୍ଦ୍ର ପ୍ରଧାନ** ବ୍ୟାସକବିଙ୍କ ଜୟନ୍ତୀ ଅବସରରେ ଶ୍ରଦ୍ଧାଞ୍ଜଳି ଜଣାଇ କହିଛନ୍ତି, ସେ ଥିଲେ ଓଡ଼ିଆ ସାହିତ୍ୟର ଯୁଗାନ୍ତକାରୀ ସ୍ରଷ୍ଟା ତଥା ଆଧୁନିକ ଓଡ଼ିଆ ଗଳ୍ପ, ଉପନ୍ୟାସର ଜନକ।

ଉପମୁଖ୍ୟମନ୍ତ୍ରୀ **ପ୍ରଭାତୀ ପରିଡା** କହିଛନ୍ତି, ପ୍ରଥମ ଆଧୁନିକ କ୍ଷୁଦ୍ର ଗଳ୍ପ ରେବତୀରୁ ଆରମ୍ଭ କରି ଅନେକ ଉପନ୍ୟାସ, ଜୀବନୀ ଏବଂ କ୍ଷୁଦ୍ର ଗଳ୍ପ ରଚନା ଜରିଆରେ ଫକୀରମୋହନ ସେନାପତି ସର୍ବଦା ସ୍ମରଣୀୟ ହୋଇ ରହିବେ।

ଏହି ଅବସରରେ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଉତ୍କଳ ବିଶ୍ୱବିଦ୍ୟାଳୟ ବାଣୀବିହାର ଛକସ୍ଥିତ ଫକୀରମୋହନ ସେନାପତିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅପରାହ୍ଣରେ ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ରାଜ୍ୟସ୍ତରୀୟ ବ୍ୟାସ କବି ଫକୀରମୋହନ ସ୍ମୃତି ସଂସଦ ପକ୍ଷରୁ ଭୁବନେଶ୍ୱରସ୍ଥିତ ଜୟଦେବ ଭବନଠାରେ ବ୍ୟାସକବିଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ ପାଳନ କରାଯିବ ।

## ଜିଲ୍ଲା ମହୋତ୍ସବ

**କେନ୍ଦ୍ରାପଡା** ଜିଲ୍ଲା ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ଶିଳ୍ପ, ଦକ୍ଷତାବିକାଶ ଏବଂ ବୈଷୟିକ ଶିକ୍ଷାମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗଦେଇଥିଲେ। ଜିଲ୍ଲାରେ ଶିଳ୍ପପ୍ରତିଷ୍ଠା ସହ ପଟାମୁଣ୍ଡାଇଠାରେ ପାର୍କ ପ୍ରତିଷ୍ଠା ହେବ ବୋଲି  ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି।

## ମିଶନ ବାତ୍ସଲ୍ୟ

ରାଜ୍ୟ ସରକାରଙ୍କ ମିଶନ ବାତ୍ସଲ୍ୟ ଅଧୀନରେ ଝାରସୁଗୁଡ଼ା ଜିଲ୍ଲାରେ ଶିଶୁ ସୁରକ୍ଷା ଓ ଥଇଥାନ କ୍ଷେତ୍ରରେ ବିଶେଷ ପଦକ୍ଷେପ ଗ୍ରହଣ କରାଯାଉଛି। ଜିଲ୍ଲାପାଳ କୁନାଲ ମୋତିରାମ ଚୌହ୍ୱାନ ତିନିଜଣ ଶିଶୁଙ୍କ ଉଜ୍ୱଳ ଭବିଷ୍ୟତ ପାଇଁ ଚୂଡାନ୍ତ ପୋଷ୍ୟ ସନ୍ତାନ ଗ୍ରହଣ ଆଦେଶ ପ୍ରଦାନ କରିଛନ୍ତି। ସରକାରଙ୍କ ମାର୍ଗଦର୍ଶିକା ଅନୁଯାୟୀ, ଆବେଦନ କରିଥିବା ପରିବାରଙ୍କର ସମସ୍ତ ଯୋଗ୍ୟତା ଓ ପୃଷ୍ଠଭୂମି ଯାଞ୍ଚ ପରେ ଭୁବନେଶ୍ୱର, ପଶ୍ଚିମବଙ୍ଗ ଏବଂ କେରଳରୁ ଆସିଥିବା ୩ଟି ଦମ୍ପତ୍ତିଙ୍କୁ ଏହି ଶିଶୁମାନଙ୍କୁ ବିଧିବଦ୍ଧ ଭାବେ ହସ୍ତାନ୍ତର କରାଯାଇଛି।

## ବାଲ୍ୟବିବାହ ଆଇନ୍

**ଗଞ୍ଜାମ** ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ପକ୍ଷରୁ ଭଞ୍ଜନଗର ନିୟନ୍ତ୍ରିତ ବଜାର କମିଟି ସମ୍ମିଳନୀ କକ୍ଷରେ ନାଲସା ଯୋଜନା ଅଧୀନ ଏକ ଆଇନ୍

ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଭଞ୍ଜନଗର ଅତିରିକ୍ତ ଜିଲ୍ଲା ଓ ଦୌରାଜଜ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ବାଲ୍ୟବିବାହ ସମ୍ପର୍କିତ ବିଭିନ୍ନ ଆଇନ୍ ଉପରେ ଆଲୋଚନା କରିଥିଲେ।

## ପାର୍କ ଶିଳାନ୍ୟାସ

ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ **ନବରଙ୍ଗପୁର** ଜିଲ୍ଲାର ପାପଡାହାଣ୍ଡିଠାରେ ନିର୍ମାଣ ହେବାକୁ ଥିବା ନୂତନ ସହିଦ୍ ମୀନାର ପାର୍କର ଶିଳାନ୍ୟାସ କରିଛନ୍ତି। ଭାରତଛାଡ ଆନ୍ଦୋଳନର ଅମର ସହିଦମାନଙ୍କ ବଳିଦାନକୁ ସମ୍ମାନ ଜଣାଇ ୫ କୋଟି ଟଙ୍କା ବ୍ୟୟ ଅଟକଳରେ ଏହି ପାର୍କର ନିର୍ମାଣ କରାଯାଉଛି। ୨ କୋଟି ୭୦ ଲକ୍ଷ ଟଙ୍କା ବ୍ୟୟରେ ୯ଟି ବ୍ଲକ୍ସ୍ତରୀୟ ଜନଜାତି ଗୋଷ୍ଠୀ ସମାଜ ଭବନ, ୬ କୋଟି ଟଙ୍କା ବ୍ୟୟରେ ପାପଡାହାଣ୍ଡି ସହିଦ ମୀନାରର ପୁନଃନିର୍ମାଣ କରାଯାଇଛି।

## ଶୀତକାଳିନ ଶିବିର

**ନୂଆପଡ଼ା** ନ୍ୟାସନାଲ ଡିଗ୍ରୀ କଲେଜ ଜାତୀୟ ସେବା ଯୋଜନା କୋ-ୟୁନିଟ୍ ପକ୍ଷରୁ ୭ ଦିନିଆ ଶୀତକାଳିନ ଶିବିର ଉଦ୍ଯାପିତ ହୋଇଛି। ଏହି ଶିବିର ଛାତ୍ରଛାତ୍ରୀଙ୍କୁ ସମାଜ ସହ ସାମାଜିକ ଜୀବନ ଆଧାରରେ ଯୋଡି ଦାୟିତ୍ୱଶୀଳ ନାଗରିକ ଭାବେ ଗଢ଼ିତୋଳିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଉଛି ବୋଲି ମହାବିଦ୍ୟାଳୟ ଅଧ୍ୟକ୍ଷ ହିତେଶ କୁମାର ସାହୁ କହିଛନ୍ତି।

## ବାର୍ଷିକୀ ପାଳନ

**କେନ୍ଦ୍ରାପଡ଼ା** ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ତୃତୀୟ ବାର୍ଷିକୀ ପାଳନ କରାଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ, ପ୍ରଶାସନିକ ଅଧିକାରୀ କାର୍ଯ୍ୟକ୍ରମରେ ଯୋଗଦେଇ ସ୍ୱାସ୍ଥ୍ୟ କ୍ଷେତ୍ରରେ ପରିବର୍ତ୍ତନ ଉପରେ ଆଲୋଚନା କରିଥିଲେ। ଚିକିତ୍ସାଳୟର ବିଭିନ୍ନ ୟୁନିଟ୍ ତଥା ବିଭାଗକୁ କାୟାକଳ୍ପ ସମ୍ମାନ ପାଇଁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା।

## ଦିବ୍ୟାଙ୍ଗ ଗୃହ

ରାଜ୍ୟର ଦିବ୍ୟାଙ୍ଗ ମହିଳା ଓ ଯୁବତୀଙ୍କୁ **ସହାୟ ଗୃହ** ଯୋଗାଇଦେବେ ସରକାର। ଏ ନେଇ ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ୨୩ଟି ଜିଲ୍ଲାର ଜିଲ୍ଲାପାଳଙ୍କୁ ପତ୍ର ମାଧ୍ୟମରେ ଅବଗତ କରାଯାଇଛି। ସର୍ବାଧିକ ଦିବ୍ୟାଙ୍ଗ ଯୁବତୀ ରହୁଥିବା ଜିଲ୍ଲାରେ ସରକାର ସହାୟ ଯୋଜନା ଅଧୀନରେ ଏହି ଗୃହ ପ୍ରଦାନ କରିବେ ବୋଲି ଚିଠିରେ ଉଲ୍ଲେଖ ରହିଛି।

# ରଗ୍‌ବୀ

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଆସନ୍ତା ୧୬ରୁ ୨୧ତାରିଖ ପର୍ଯ୍ୟନ୍ତ ଦଶମ ଜାତୀୟ ସବ୍‌ଜୁନିୟର ରଗ୍‌ବୀ ପ୍ରତିଯୋଗିତ ଆୟୋଜିତ

ହେବ । ରାଜ୍ୟ କ୍ରୀଡା ଯୁବସେବା ବିଭାଗ, ରଗ୍‌ବୀ ଇଣ୍ଡିଆ ଏବଂ ଓଡିଶା ରାଜ୍ୟ ରଗ୍‌ବୀ ସଂଘର ମିଳିତ ସହଯୋଗରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ। ପ୍ରତିଯୋଗିତାରେ ଓଡିଶା ସମେତ ୨୪ଟି ରାଜ୍ୟରୁ ୫୫୦ରୁ ଅଧିକ ଖେଳାଳୀ ଯୋଗଦେବେ ।

# ପାଣିପାଗ

ରାଜ୍ୟରେ ଶୀତ ଲହରୀ ଜାରି ରହିଛି । ଆସନ୍ତା ୧୭ତାରିଖ ପର୍ଯ୍ୟନ୍ତ ଶୀତର ପ୍ରଭାବ ଜାରି ରହିବ । ତେବେ ୧୮ତାରିଖରୁ ପଶ୍ଚିମାଝଡ ପ୍ରଭାବରେ ତାପମାତ୍ରା ବୃଦ୍ଧି ପାଇବ ବୋଲି ଭୁବନେଶ୍ୱର ସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି । ଆସନ୍ତା ୨୪ଘଣ୍ଟା ମଧ୍ୟରେ ଶୀତ ଲହରି ବୃଦ୍ଧି ପାଇଁ କଟକ, ଜଗତସିଂହପୁର, ଅନୁଗୋଳ, ଢେଙ୍କାନାଳ, ଝାରସୁଗୁଡା ଓ ଖୋର୍ଦ୍ଧା ଜିଲ୍ଲା ପାଇଁ ସତର୍କ ସୂଚନା ଜାରି କରାଯାଇଛି ।